# NATIONAL NEWS BULLETIN (ODIA)

**14 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟା ୭ଟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ।

- ଦିଲ୍ଲୀର ଲାଲକିଲ୍ଲାରୁ ଆସନ୍ତାକାଲି ସ୍ୱାଧୀନତା ଦିବସ ପାଳନ ଉତ୍ସବର ନେତୃତ୍ୱ ନେବେ ପ୍ରଧାନମନ୍ତ୍ରୀ ।

- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧ହଜାର ୫୭ଜଣ କର୍ମଚାରୀଙ୍କୁ ଦିଆଯିବ ବୀରତ୍ୱ ସେବା ପଦକ ।

- ଉତ୍ତରାଖଣ୍ଡ, ଚାମୋଲି ଜିଲ୍ଲାର ସୁଡ଼ଙ୍ଗ ଭୂସ୍ଖଳନ ସ୍ଥାନରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପହଞ୍ଚି ରିଲିଫ ଓ ଉଦ୍ଧାର କାର୍ଯ୍ୟର କଲେ ସମୀକ୍ଷା ।

- ଭାରତର ମହାରେଜିଷ୍ଟ୍ରାରଙ୍କ ପକ୍ଷରୁ ଜନଗଣନା ୨୦୨୭ ପାଇଁ ପରିବାର ପ୍ରଶ୍ନାବଳୀ ସୂଚୀ ଜାରି ।

ଏବଂ

- କାନାଡା ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କଲେ ପୋଲାଣ୍ଡର ଇଗା ସ୍ୱିୟାଟେକ୍ ।

---

## ପ୍ରେଜ୍ ଆଡ୍ରେସ

୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଆଜି ସଂଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ । ରାଷ୍ଟ୍ରପତିଙ୍କର ଏହି ସମ୍ବୋଧନ ଆକାଶବାଣୀର ସମସ୍ତ ଜାତୀୟ ନେଟୱର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲରେ ପ୍ରଥମେ ହିନ୍ଦୀ ଓ ପରେ ପରେ ଇଂରାଜୀ ଭାଷାରେ ଉପଲବ୍ଧ ହେବ । ଦୂରଦର୍ଶନର ଆଞ୍ଚଳିକ ଚ୍ୟାନେଲ ଗୁଡ଼ିକରେ ରାଷ୍ଟ୍ରପତିଙ୍କ ସମ୍ବୋଧନର ହିନ୍ଦୀ ଓ ଇଂରାଜୀ ଭାଷାରେ ପ୍ରସାରଣ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ମଧ୍ୟ ପ୍ରସାର କରାଯିବ । ଆକାଶବାଣୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆଜି ରାତି ୯ଟା ବାଜି ୩୦ ମିନିଟ୍‌ରେ ପ୍ରଚାର କରାଯିବ ।

## ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ଦେଶ ଆସନ୍ତାକାଲି ତା’ର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରୁ ସ୍ୱାଧୀନତା ଦିବସ ଉତ୍ସବର ନେତୃତ୍ୱ ନେବେ । ଭାରତୀୟ ବାୟୁସେନାର ଦୁଇଟି ଏମ୍ଆଇ-୧୭ ହେଲିକପ୍ଟର ଦ୍ୱାରା ଆୟୋଜନ ସ୍ଥଳରେ ପୁଷ୍ପବୃଷ୍ଟି କରାଯିବ । ଜାତୀୟପତାକା ଉତ୍ତୋଳନ ସହିତ ୨୧ ତୋପ ସଲାମୀର ପ୍ରଦର୍ଶନ କରାଯିବ । ପୁଷ୍ପବୃଷ୍ଟି ପରେ ପ୍ରଧାନମନ୍ତ୍ରୀ ଲାଲକିଲ୍ଲା ପ୍ରାଚୀରରୁ

ଦେଶବାସୀଙ୍କୁ ସମ୍ବୋଧିତ କରିବେ । ପ୍ରଥମଥର ପାଇଁ ଲାଲକିଲ୍ଲାରେ ବନ୍ଦେ ମାତରମ୍ ଗାନ କରାଯିବ । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍ ଏବଂ ମାଈଁ ଭାରତର ସ୍ୱେଚ୍ଛାସେବୀମାନେ ଜାତୀୟ ଗାନ ବନ୍ଦେ ମାତରମ୍ ଗାଇବେ । ଏହାପରେ ଜାତୀୟ ସଂଗୀତ ଗାନ କରାଯିବ । ସ୍ଥଳସେନା, ନୌସେନା, ବାୟୁସେନା ଓ ମାଈଁ ଭାରତ ସ୍ୱେଚ୍ଛାସେବୀର ୨ହଜାର ୫୦୦ କ୍ୟାଡେଟ୍ ଉତ୍ସବରେ ଅଂଶଗ୍ରହଣ କରିବେ । ଏହି ଭବ୍ୟ ଉତ୍ସବରେ ଯୋଗଦେବା ପାଇଁ ସମାଜର ବିଭିନ୍ନ ବର୍ଗରୁ ୫ହଜାରରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ଲାଲକିଲ୍ଲାକୁ ନିମନ୍ତ୍ରଣ କରାଯାଇଛି । ଦିଲ୍ଲୀ ପୁଲିସ ପକ୍ଷରୁ ଜାତୀୟ ରାଜଧାନୀରେ ଆସନ୍ତାକାଲି ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଲାଲକିଲ୍ଲା ଅଞ୍ଚଳରେ ୧୫ହଜାରରୁ ଅଧିକ ସୁରକ୍ଷା କର୍ମୀଙ୍କ ସମେତ ୧ହଜାରରୁ ଅଧିକ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି ।

## ପିଏମ୍ - ବିଶ୍ୱକର୍ମା

ଦିଲ୍ଲୀର ଲାଲକିଲ୍ଲାଠାରେ ଆସନ୍ତାକାଲି ୮୦ତମ ସ୍ୱାଧୀନତା ଦିବସ ସମାରୋହକୁ ଦେଖିବା ପାଇଁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରୁ ପିଏମ୍ ବିଶ୍ୱକର୍ମା ଯୋଜନାର ୧୦୦ଜଣ ହିତାଧିକାରୀଙ୍କୁ ବିଶେଷ ଅତିଥିଭାବେ ନିମନ୍ତ୍ରଣ କରାଯାଇଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ବିଶ୍ୱକର୍ମା ହିତାଧିକାରୀମାନଙ୍କୁ ସମ୍ମାନ ପ୍ରଦାନ

କରାଯିବ । ବିଶ୍ୱକର୍ମା ଯୋଜନା ଅଧୀନରେ ଥିବା ୧୮ଟି ପାରମ୍ପରିକ ଶିଳ୍ପ ବଢ଼େଇ, ବଣିଆ, କମାର ଆଦି କାରିଗରମାନେ ଏଥିରେ ସାମିଲ ଅଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ସ୍ୱାଧୀନତା ଦିବସ ସମାରୋହରେ ପିଏମ୍ ବିଶ୍ୱକର୍ମା ହିତାଧିକାରୀମାନଙ୍କର ଅଂଶଗ୍ରହଣ ଭାରତର ସମୃଦ୍ଧ, ସାଂସ୍କୃତିକ, ଐତିହ୍ୟ ପ୍ରତି କାରିଗର ଓ ଶିଳ୍ପୀ ମାନଙ୍କର ଅବଦାନର ସ୍ୱୀକୃତି ।

## ପୋଲିସ ସର୍ଭିସ ମେଡାଲ

୨୦୨୬ ସ୍ୱାଧୀନତା ଦିବସ ଅବସରରେ ପୁଲିସ, ଅଗ୍ନିଶମ ସେବା, ହୋମଗାର୍ଡ ଏବଂ ସିଭିଲ ଡିଫେନ୍ସ ଏବଂ ସଂଶୋଧନ ସେବାର ୧ହଜାର ୫୭ଜଣ କର୍ମଚାରୀଙ୍କ ପାଇଁ ବୀରତ୍ୱ ଏବଂ ସେବା ପଦକ ସରକାର ଘୋଷଣା କରିଛନ୍ତି । ଜୀବନ ଓ ସମ୍ପତ୍ତି ରକ୍ଷା କରିବା, ଅପରାଧ ରୋକିବା ଓ ଅପରାଧିଙ୍କୁ ଧରିବା କ୍ଷେତ୍ରରେ ଉଲ୍ଲେଖନୀୟ ସାହସ ପ୍ରଦର୍ଶନ ପାଇଁ ବୀରତ୍ୱ ପଦକ ପ୍ରଦାନ କରାଯାଇଥାଏ । ୩୦୧ଟି ବୀରତ୍ୱ ପଦକ ମଧ୍ୟରୁ ନକ୍ସଲବାଦୀ ପ୍ରଭାବିତ ଅଞ୍ଚଳରୁ ୧୫୭ଜଣ କର୍ମଚାରୀଙ୍କୁ, ଜାମ୍ମୁ-କାଶ୍ମୀରରୁ ୫୧ଜଣଙ୍କୁ, ଉତ୍ତର-ପୂର୍ବାଞ୍ଚଳରୁ ୧୨ଜଣଙ୍କୁ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ୪୧ଜଣଙ୍କୁ ପୁରସ୍କୃତ କରାଯାଉଛି । ୯୨ଜଣଙ୍କୁ ବିଶିଷ୍ଟ ସେବା ରାଷ୍ଟ୍ରପତି ପଦକ (ପିଏସ୍ଏମ୍) ପ୍ରଦାନ କରାଯାଇଛି । ଏଥିରେ ପୁଲିସ ସେବା କ୍ଷେତ୍ରରେ ୮୩ଟି, ଅଗ୍ନିଶମ ସେବା ପାଇଁ ୪ଟି, ସିଭିଲ ଡିଫେନ୍ସ

ଏବଂ ହୋମଗାର୍ଡ ସେବା ପାଇଁ ୩ଟି ଏବଂ ସଂଶୋଧନ ସେବା ପାଇଁ ୨ଟି ପଦକ ରହିଛି । ଏହାବ୍ୟତୀତ ପ୍ରଶଂସନୀୟ ସେବା ପାଇଁ ୬୬୪ଟି ପଦକ ପ୍ରଦାନ କରାଯାଇଛି । ଏଥିରେ ପୁଲିସ ସେବା କର୍ମଚାରୀଙ୍କ ପାଇଁ ୬୦୬ଟି, ଅଗ୍ନିଶମ ସେବା କର୍ମଚାରୀଙ୍କ ପାଇଁ ୨୮ଟି, ନାଗରିକ ସୁରକ୍ଷା ଏବଂ ଗୃହରକ୍ଷୀ କର୍ମଚାରୀଙ୍କ ପାଇଁ ୧୮ଟି ଏବଂ ସଂଶୋଧନ ସେବା କର୍ମଚାରୀଙ୍କୁ ୧୨ଟି ପଦକ ରହିଛି ।

## ସିବିଆଇ-ପ୍ରେଜ୍ ମେଡାଲ

ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇର ୨୧ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ଓ ପ୍ରଶଂସନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି । ୬ଜଣ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି । ସେମାନେ ହେଲେ ସହକାରୀ ପୁଲିସ ମହାନିର୍ଦ୍ଦେଶକ ଶୋଭା ଦତ୍ତ, ଅତିରିକ୍ତ ପୁଲିସ ଅଧୀକ୍ଷକ ମନୋଜ ବାନାର୍ଜୀ, ଗିନି ରାଣା ଏବଂ ଉପ ଆରକ୍ଷୀ ଅଧୀକ୍ଷକ ସଞ୍ଜୟ ସାମଲ । ଅନ୍ୟ ୧୫ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି ।

# ଶାହା, ରାଜନାଥ - ପାର୍ଟିସନ ଡେ

ଦେଶ ବିଭାଜନରେ ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତି ଓ ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିଥିବା ବ୍ୟକ୍ତିମାନଙ୍କୁ ଆଜି ବିଭାଜନ ବିଭୀଷିକା ସ୍ମୃତିଦିବସ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଇତିହାସର ଏକ ନିର୍ଦ୍ଦୟ ଅଧ୍ୟାୟର ସାକ୍ଷୀ । ଏହିଦିନ ଲକ୍ଷଲକ୍ଷ ଲୋକଙ୍କୁ ପ୍ରାଣବଳୀ ଦେବାକୁ ପଡିଥିଲା । ବହୁସଂଖ୍ୟାରେ ଲୋକମାନଙ୍କୁ ସେମାନଙ୍କର ଘର, ସମ୍ପତ୍ତି ଓ ପ୍ରିୟଜନଙ୍କୁ ଛାଡି ବିସ୍ଥାପିତ ହେବାକୁ ପଡିଥିଲା । ବିଭାଜନ ବିଭୀଷିକା ସ୍ମୃତିଦିବସ ଅବସରରେ ମୋଦୀ ସରକାର ଯୁବପିଢ଼ୀଙ୍କ ନିକଟରେ ଏହି ଘଟଣାର ସ୍ମୃତିଚାରଣ କରୁଛନ୍ତି । ଭବିଷ୍ୟତରେ ଦେଶକୁ ବିଭାଜନ କରିବାକୁ କୌଣସି ଶକ୍ତି ସଫଳ ହେବେ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଏହିଦିନଟି ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ବିଭାଜନର ଦୁଃଖଦ ଘଟଣା ସମ୍ପର୍କରେ ମନେ ପକାଇଥାଏ । ନିଜର ଘର, ପରିବାର ସମ୍ପତ୍ତି ହରାଇବା ସତ୍ତ୍ୱେ ଅଗଣିତ ଦେଶବାସୀ ଯେଉଁ ସାହସ, ତ୍ୟାଗ ଓ ଧୈର୍ଯ୍ୟ ଦେଖାଇଥିଲେ ତାହାର ସ୍ମାରକୀ ହେଉଛି ଏହି ଦିବସ ।

## ଉତ୍ତରାଖଣ୍ଡ ଟନେଲ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଆଜି ଚାମୋଲି ଜିଲ୍ଲାର ପିପ୍ପଲକୋଟି ଅଞ୍ଚଳରେ ସୁଡ଼ଙ୍ଗ ଭୂସ୍ଖଳନସ୍ଥଳୀରେ ପହଞ୍ଚି ସେଠାରେ ଚାଲିଥିବା ରିଲିଫ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୁଡ଼ଙ୍ଗ ମଧ୍ୟରେ ଫସି ରହିଥିବା ଶ୍ରମିକ ମାନଙ୍କୁ ଯଥାଶୀଘ୍ର ଉଦ୍ଧାର କରିବା ପାଇଁ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ଶ୍ରୀ ଧାମୀ କହିଛନ୍ତି । ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଶ୍ରୀ ଧାମି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି । ସୂଚନାଯୋଗ୍ୟ ପିପ୍ପଲକୋଟି ଅଞ୍ଚଳରେ ଟିଏଚ୍‌ଡିସି ସୁଡଙ୍ଗ ଧସିପଡିବା ଯୋଗୁଁ ଫସିଯାଇଥିବା ୨୨ଜଣଙ୍କ ମଧ୍ୟରୁ ୧୯ଜଣଙ୍କୁ ଉଦ୍ଧାର କରାଯାଇସାରିଛି । ଏହି ଦୁର୍ଘଟଣାରେ ୭ଜଣଙ୍କର ମୃତ୍ୟୁ ଘଟିଛି । ବାକି ୩ଜଣଙ୍କୁ ଉଦ୍ଧାର କରିବା ପାଇଁ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଆଇଟିବିପି ଓ ରାଜ୍ୟ ପୁଲିସର ଦଳ ସହିତ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ନିୟୋଜିତ ଅଛନ୍ତି ।

## ହୋମ୍ ଆଫାୟାର୍ସ-ସେନସସ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତର ମହା ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନଗଣନା ୨୦୨୭ ପାଇଁ ପରିବାର ପ୍ରଶ୍ନାବଳୀ ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରଶ୍ନାବଳୀରେ ୪୦ଟି ପ୍ରଶ୍ନର ତାଲିକା

ରହିଛି । ଏଥିରେ ପିତାମାତାଙ୍କ ବିବରଣୀ, ଆଧାର, ମୋବାଇଲ ନମ୍ବର, ମୋଟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା, ଧର୍ମ ଏବଂ ଜାତି ଆଦି ପ୍ରଶ୍ନ ରହିଛି ।

## ଶାହା-ଡ୍ରକ୍ କିଙ୍ଗପିନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ (ଏନ୍‌ସିବି) ପଳାତକ ଡ୍ରକ୍ସ କାରବାରର ମୁଖିଆ ବୀରେନ୍ଦ୍ର ସିଂହ ବାସୋୟାଙ୍କୁ ସଂଯୁକ୍ତଆରବ ଦେଶରୁ ଭାରତ ଫେରାଇ ଆଣିବାରେ ସଫଳ ହୋଇଛି । ମାଦକଦ୍ରବ୍ୟ ବିରୁଦ୍ଧରେ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିରେ ଏହା ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ଶ୍ରୀ ଶାହା କହିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା କହିଛନ୍ତି ନରେନ୍ଦ୍ର ମୋଦୀ ସରକାର ବିଦେଶରେ ଲୁଚି ରହିଥିବା ମାଦକଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ନେଟଓ୍ୱର୍କକୁ ନଷ୍ଟ କରିବାରେ ସଫଳ ହୋଇଛନ୍ତି ।

## ଝାଡ଼ଖଣ୍ଡ-ପ୍ରୋଟେଷ୍ଟ

ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ଅଭିଯୋଗକୁ ନେଇ ଝାଡ଼ଖଣ୍ଡରେ ଛାତ୍ର ଏବଂ ଚାକିରି ଆଶାୟୀମାନଙ୍କ ଦ୍ୱାରା କରାଯାଉଥିବା ଆନ୍ଦୋଳନ ଆଜି ୨୧ ଦିନରେ ପହଞ୍ଚିଛି । ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗର ମିଳିତ ସ୍ନାତକ ପରୀକ୍ଷାକୁ ବାତିଲ କରିବା ସହ ଏହାର

ସିବିଆଇ ତଦନ୍ତ ଦାବିକୁ ଆନ୍ଦୋଳନକାରୀମାନେ ଦୋହରାଇଛନ୍ତି । ସେମାନେ ନିଜର ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ଅଗଷ୍ଟ ୧୫ ତାରିଖରେ ଏକ ତ୍ରିରଙ୍ଗା ଯାତ୍ରା କରିବାକୁ ମଧ୍ୟ ଘୋଷଣା କରିଛନ୍ତି ।

## କାନାଡା ଓପନ ଟେନିସ୍

କାନାଡା ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ପୋଲାଣ୍ଡର ଇଗା ସ୍ୱିୟାଟେକ୍ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି । ପୋଲାଣ୍ଡର ସପ୍ତମ ସିଡ୍ ଖେଳାଳି ସ୍ୱିୟାଟେକ୍ ଗତକାଲି ରାତିରେ ଟରଣ୍ଟୋଠାରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ଏଲେନା ରାଇବାକିନାଙ୍କୁ ୬-୨ , ୬-୩ ସେଟ୍‌ରେ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି । ଅନ୍ୟପକ୍ଷରେ ପୁରୁଷ ସିଙ୍ଗିଲ୍ସ ବର୍ଗରେ ଆମେରିକାର ବେନ୍ ସେଲଟନ ନିଜ ଦେଶର ବ୍ରାଣ୍ଡନ ନାକାସିମାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି ।

## ଇଣ୍ଡିଆ-ଶ୍ରୀଲଙ୍କା ଟେଷ୍ଟ

ଶୁଭମନ ଗିଲ୍ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଆସନ୍ତାକାଲି ଶ୍ରୀଲଙ୍କାରେ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍ ଗାଲା ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳିବ । ଦୁଇମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗାଲା ଷ୍ଟାଡିୟମର ୫୦ତମ ମ୍ୟାଚ୍ ହେବ । ଗାଲା ପିଚ୍ ସ୍ପିନ୍ ଅନୁକୂଳ ହେବ ବୋଲି ଆଶା କରାଯାଉଛି ।  ନ୍ୟୁଜିଲାଣ୍ଡ ଓ ସାଉଥ୍ ଆଫ୍ରିକାଠାରୁ

ଟେଷ୍ଟରେ ପରାଜୟ ପରେ ଭାରତୀୟ ଦଳ ବିଶ୍ୱ ଟେଷ୍ଟ କ୍ରିକେଟ୍ ମାନ୍ୟତାରେ ୫ମ ସ୍ଥାନରେ ରହିଛି । ଏହି ଟେଷ୍ଟ ସିରିଜ୍‌ରେ ବିଜୟ ହାସଲ କରି ଭାରତୀୟ ଦଳ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିବ ବୋଲି ପ୍ରୟାସ କରିବ ।

## ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ଦେଶର ଛତିଶଗଡ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛନ୍ତି । ଓଡ଼ିଶା ସମେତ ୭ଟି ରାଜ୍ୟରେ ଆସନ୍ତା ୨ଦିନ ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।